## ଶିଶୁ ନିର୍ଯାତନା ସମ୍ପର୍କିତ ମାମଲାର ଆଶୁ ସମାଧାନ ପାଇଁ ପରାମର୍ଶ



ଜିଲା ସଦଭାବନା ଗୃହରେ ଅନୁଷ୍ଠିତ ବୈଠକ।


ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଶିଶୁଗୃହ ପରିଦର୍ଶନ କରୁଛନ୍ତି ଅଧ୍ୟକ୍ଷା

■ରାଜ୍ୟ ଶିଶୁ ସୁରକ୍ଷା ଆୟୋଗଙ୍କ ଢେଙ୍କାନାଳ ଗସ୍ତ
■କନ୍ୟାଶ୍ରମରେ ମାସିକ ସ୍ୱାସ୍ଥ୍ୟ ପରୀକ୍ଷା ନିର୍ଦ୍ଦେଶ

ଢେଙ୍କାନାଳ,୧୮।୩(ରତନ ନାୟାର)- ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର, ସଦସ୍ୟା ମନସ୍ମିତା ଖୁଣ୍ଟିଆ ଓ କସ୍ତୁରୀ ମିଶ୍ର ବୁଧବାର ଢେଙ୍କାନାଳ ଜିଲା ଗସ୍ତରେ ଆସିଥିଲେ । ଏହି ଅବସରରେ ସେମାନେ ଜିଲାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର, ଶିଶୁ ଗୃହ, କନ୍ୟାଶ୍ରମ ଓ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଅପରାହ୍ନରେ ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ଆୟୋଜିତ ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ଢେଙ୍କାନାଳ ଜିଲାରେ 'ଆଦ୍ରିକା' ଯୋଜନା ଉପରେ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦେବା ସହିତ ଶିଶୁଗୃହମାନଙ୍କରେ ମାସିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟମାନଙ୍କରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କନ୍ୟାଶ୍ରମରେ କିଭଳି ବାଳିକାମାନଙ୍କର ମାସିକ ସ୍ୱାସ୍ଥ୍ୟ ପରୀକ୍ଷା ଓ ସେମାନଙ୍କ ସାଜସଜ୍ଜା ଉପରେ ଯତ୍ନବାନ ହେବାକୁ ଗୁରୁତ୍ୱ ପ୍ରଦାନ କରିଥିଲେ । ସେହିପରି ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ଉପରେ ଜନଗହଳି ସ୍ଥାନରେ କାନ୍ଥଚିତ୍ର ଉତ୍ତୋଳନ କରିବା ସହ ଶିଶୁ ନିର୍ଯାତନା ସମ୍ପର୍କିତ ମାମଲାଗୁଡ଼ିକର ଆଶୁ ସମାଧାନ ପାଇଁ ପରାମର୍ଶ ଦେଇଥିଲେ।

ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଶିଶୁମାନଙ୍କ ପାଇଁ ଜିଲାରେ କାର୍ଯ୍ୟକ୍ଷମ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଏସ୍‌ପି ଅଭିନବ ସୋନକର, ଜିଲା ଶିକ୍ଷା ଅଧିକାରୀ ପରେଶଚନ୍ଦ୍ର ପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗିତାରାଣୀ ପାତ୍ର, ଜିଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ (ସାଧାରଣ) ଧନ୍ୟବାଦ ପ୍ରଦାନ କରିଥିଲେ। ରାଜ୍ୟ ଶିଶୁ ଆୟୋଗର ଅଧ୍ୟକ୍ଷା ଓ ସଦସ୍ୟାମାନେ ଢେଙ୍କାନାଳ ସହର ନିକଟସ୍ଥ ଭଗବାନପୁର ଅଙ୍ଗନୱାଡି କେନ୍ଦ୍ର, ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଶିଶୁଗୃହ, ରଣପଶିସ୍ଥିତ ଜାଭିୟର୍ସ ସ୍କୁଲ ଓ ଦେଓଗାଁସ୍ଥିତ କନ୍ୟାଶ୍ରମ ପରିଦର୍ଶନ କରିଥିଲେ ।

## କୃଷକଙ୍କ ଜ୍ଞାନ ବୃଦ୍ଧି ଓ କୃଷି ଯନ୍ତ୍ରପାତିର ବ୍ୟବହାର ଉପରେ ଗୁରୁତ୍ୱ

### କୃଷକ ମେଳା ଓ କୃଷି ପ୍ରଦର୍ଶନୀ




ଢେଙ୍କାନାଳ,୧୮।୩(ରତନ ନାୟାର) ଢେଙ୍କାନାଳ ଜିଲା ସଦର ବ୍ଲକ ସିମିଳିପାଟଣା ଗ୍ରାମରେ କୃଷି ମେଳା ଓ କୃଷି ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କୃଷକ ମେଳା ଓ ପ୍ରଦର୍ଶନୀ ସର୍ବଭାରତୀୟ ସମନ୍ୱିତ ଗବେଷଣା ପ୍ରକଳ୍ପ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର ଢେଙ୍କାନାଳ ଓ ଭାପୁର ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସର୍ବଭାରତୀୟ ସମନ୍ୱିତ ଗବେଷଣା ପ୍ରକଳ୍ପ ଅଧିକାରୀ ପ୍ରଫେସର ନିହାର ରଞ୍ଜନ ସାହୁ ମୁଖ୍ୟ ଅତିଥି, ଜିଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱନାଥ ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ କୃଷିର ଉନ୍ନତି, ଉତ୍ପାଦନ ବୃଦ୍ଧି ଓ କୃଷକଙ୍କ ଆୟ ବୃଦ୍ଧି ପାଇଁ ନୂତନ ଉଦ୍ୟମ ବିଷୟରେ ଅଲୋଚନା କରି ଆଗାମୀ ଦିନରେ ବଳଦେବଜୀଉ କୃଷକ ଉତ୍ପାଦକ କମ୍ପାନୀ ପାଇଁ ଏକ ତେଲପେଢ଼ା ମେସିନ ଓ କଷ୍ଟମ ହାୟରିଂ ସେଣ୍ଟର ସ୍ଥାପନ କରିବା ପାଇଁ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ଷ୍ଟଲ୍ ମାଧ୍ୟମରେ କୃଷି ଯନ୍ତ୍ରପାତି, ଅମଳ ପରବର୍ତ୍ତୀ ଓ ଖାଦ୍ୟ ପ୍ରକ୍ରିୟାକରଣ ଯନ୍ତ୍ରପାତି ବିଷୟରେ ପ୍ରଦର୍ଶନୀ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରି ପ୍ରକ୍ରିୟାକରଣ ଯନ୍ତ୍ରପାତି ବ୍ୟବହାର କରି କୃଷିଜୀବି ମହିଳାମାନେ କିପରି ବ୍ୟବସାୟଭିତ୍ତିକ କାର୍ଯ୍ୟକ୍ରମ କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଏସ୍‌ବିଆଇ ଶାଖା ପରିଚାଳକ ଶିବରାମ ପାଣିଗ୍ରାହୀ, ସମନ୍ୱିତ ଗବେଷଣା ପ୍ରକଳ୍ପର ସହକାରୀ ପ୍ରାଧ୍ୟାପକ ଡ. ଅନୁପ ବେହେରା, ଏଫଇଏସ ଟିମ ଲିଡର, ପ୍ରଣବ ନାୟକ, ବିଶିଷ୍ଟ ସମାଜସେବୀ ଏସ୍‌କେ. ଅବଦୁଲ ସଫିକ ଓ କୃଷିଦା ବେଗମ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାଣ୍ଟ ଥର୍ନଟନ ଭାରତ ଦ୍ୱାରା ଗଠନ ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀର ୩ୟ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଭାପୁର ଅଞ୍ଚଳ ପାଇଁ ଗୋଟିଏ କୋଲ୍ଡ ଷ୍ଟୋରେଜର ଆବଶ୍ୟକତା ଉପରେ ପ୍ରସ୍ତାବ ଦିଆଯାଇଥଲା। କାର୍ଯ୍ୟକ୍ରମରେ ବଳଦେବଜୀଉ ମହିଳା କୃଷକ ଉତ୍ପାଦକ କମ୍ପାନୀର ସମସ୍ତ ବୋଡ ଅଫ ଡାଇରେକ୍ଟର, ମହିଳା ଚାଷୀ, ବିକାଶ କୁମାର ସାହୁ, ରାଜ କୁମାର ପ୍ରଧାନ, ଇକାଡର ଆଶିଷ କୁମାର ଜେନା, ବୁଲୁ ଜେନା, ସୀମିଳିପାଟଣା ଗ୍ରାମର ଦୁର୍ଯ୍ୟୋଧନ ସାହୁ, ଶିବ ଆଲୁକ, ଚିନ୍ମୟ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଜିଟି ଭାରତର କ୍ଲଷ୍ଟର ମ୍ୟାନେଜର ନାରାୟଣ ଖଟୁଆ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଅସହାୟ ଭୀମଙ୍କ ମରଶରୀରକୁ ଦାହକଲେ ନଗରପାଳ

ଭୁବନ, ୧୮।୩ (ବିପିନ ବିହାରୀ ସେଠୀ) ଢେଙ୍କାନାଳ ଜିଲା ଭୁବନ ଏନଏସି ୨ ନମ୍ବର ୱାର୍ଡ ନୂଆ ବଜାର ଅଞ୍ଚଳରେ ବସବାସ କରୁଥିବା ଦଳିତ ବୃଦ୍ଧ ଭୀମ ମଳିକ (୭୫)ଙ୍କର ବୁଧବାର ଭୋର ସମୟରେ ମୃତ୍ୟୁ ଘଟିଥିଲା। ତାଙ୍କ ବଡ଼ପୁଅ ଅଜୟ (୪୫) ମାନସିକ ବିକୃତ ରୋଗରେ ପୀଡ଼ିତ। ମଝିଆଁ ପୁଅ ସଞ୍ଜୟ (୪୦) ଓଡ଼ିଶା ବାହାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲା ବେଳେ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ଭୀମର ସାହା ଭରସା ଥିଲା ସାନ ପୁଅ କବିର। ସେ ମଧ୍ୟ ଗତ ୩ ତାରିଖରେ ମୃତ୍ୟୁବରଣ କରିଥିଲେ। ପରେ ଭୀମଙ୍କ ଘର ପୋଡିଯାଇଥିଲା। ଶେଷରେ ପରିତ୍ୟକ୍ତ ଅବସ୍ଥାରେ ପୁରୁଣା ଥାନା କ୍ୱାର୍ଟରରେ ଅନାହାରରେ ପଡ଼ି ରହିଥିଲେ। ନଗରପାଳ ଶୁଭେନ୍ଦୁ କୁମାର ସାହୁ ତାଙ୍କୁ ସମସ୍ତ ସେବା ଯୋଗାଇ ଦେଇଥିଲେ। ବୁଧବାର ଭୀମଙ୍କ ମୃତ୍ୟୁ ଘଟିଥିଲା। ଶୁଭେନ୍ଦୁ ଭୁବନ ବ୍ଲକ କିଙ୍ଗୋଳ ଗ୍ରାମରେ ଥିବା ତାଙ୍କ ଝିଅଙ୍କୁ ଖବର ଦେବା ପରେ ଝିଅ ଜ୍ୱାଇଁ ଓ ନାତି ପହଞ୍ଚିବା ପରେ ଭୀମଙ୍କ ମର ଶରୀରକୁ ନେଇ ଭାରତୀ ପାହାଡ଼ରେ ଗାତ ଖୋଳି ଦଳିତ ସମ୍ପ୍ରଦାୟର ରୀତିନୀତି ଅନୁଯାୟୀ ସଂସ୍କାର କରିଥିଲେ। ଏଥିରେ ନଗରପାଳ ସାହୁଙ୍କ ସମେତ ସାମାଜିକକର୍ମୀ ସନ୍ତୋଷ କୁମାର ପୃଷ୍ଟି ଏବଂ ଆମ୍ବୁଲାନ୍ସ ଚାଳକ ଅଜୟ ବେହେରା ସହଯୋଗ କରିଥିଲେ।

## ବେଆଇନ ଇଟାଭାଟି ଉପରେ ଚଢ଼ିଲା ବୁଲ୍‌ଡୋଜର

### ରାଜନୈତିକ ଉଦ୍ଦେଶ୍ୟ ଥିବା କହିଲେ ଅଞ୍ଚଳବାସୀ



ପରଜଙ୍ଗ, ୧୮।୩ (ନିଗମାନନ୍ଦ ଦଳବେହେରା) ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଡମୋଳ ଗ୍ରାମ ଝରାସାଇ ନିକଟରେ ଭୁବନେଶ୍ୱର ପରିଡ଼ାଙ୍କ ବେଆଇନ ଇଟାଭାଟି ଉପରେ ପ୍ରଶାସନ ବୁଲଡୋଜର ଚଢ଼ାଇ ଭାଙ୍ଗି ଦେଇଛି। ନିଆଁ ଲାଗିଥିବା ଏହି ଇଟାଭାଟିକୁ ପ୍ରଥମେ ଅଗ୍ନିଶମ ବିଭାଗ କର୍ମଚାରୀ ପାଣି ମାରି ଲିଭାଇବା ପରେ ବୁଲଡୋଜର ସାହାଯ୍ୟରେ ଭଙ୍ଗାଯାଇଛି।

ସୂଚନା ମୁତାବକ, ଡମୋଳ ଗ୍ରାମର କିଛି ରାଜନୈତିକ ବ୍ୟକ୍ତି ଏହି ବେଆଇନ ଇଟାଭାଟି ପାଇଁ ସ୍ଥାନୀୟ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ପରେ ପରଜଙ୍ଗ ବିଧାୟକ ତାଙ୍କ ପତ୍ର ସଂଖ୍ୟା ୨୪୯/୨୪/୪/୨୦୨୫ରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଗ୍ରାମର ବିମଳ ନାୟକ ମଧ୍ୟ ଜିଲାପାଳ, ପ୍ରଦୁଷଣ ବିଭାଗ ଅନୁଗୋଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଜିଲାପାଳ କାମାକ୍ଷାନଗର ଉପଜିଲାପାଳଙ୍କୁ ଇଟାଭାଟି ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଛେଦ ବେଳେ କାମାକ୍ଷାନଗର ଉପଜିଲାପାଳ ଦୀନମଣି ନାୟକ, ତହସିଲଦାର ସୁଦେବ କୁମାର ପୃଷ୍ଟି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ଜିଲା କନିଷ୍ଠ ଖଣି ଅଧିକାରୀ ସୁବାଶିଷ ପ୍ରଧାନ, ଅନୁଗୋଳ ପ୍ରଦୂଷଣ ବିଭାଗ ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟରଞ୍ଜନ କଅଁର, ପ୍ରଫୁଲ୍ଲ କୁମାର ବେହେରା, ପରଜଙ୍ଗ ସହକାରୀ ଶ୍ରମ ଅଧିକାରୀ ବୈଜୟନ୍ତିବାଳା ମଲ୍ଲିକ, ଡିହଡୋଳ ଫରେଷ୍ଟର ଚନ୍ଦ୍ରଶେଖର ବେହେରା, ସରାଙ୍ଗ ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣି, ପରଜଙ୍ଗ ଥାନା ଏଏସଆଇ ଜଳନ୍ଧର ବାରିକ, ସରାଙ୍ଗ ରାଜସ୍ୱ ନିରୀକ୍ଷକ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଡମୋଳ ସରପଞ୍ଚ ସୁନିଲ କୁମାର ଧଳ କହିଛନ୍ତି, ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ଇଟାଭାଟି ଭଙ୍ଗାଯାଉଛି। ତଥାପି ଆମେ ସ୍ୱାଗତ କରୁଛୁ। କିନ୍ତୁ ବ୍ଲକସାରା ଇଟାଭାଟି ହୋଇଥିଲେ ସୁଦ୍ଧା ପ୍ରଶାସନ ଜାଣିଶୁଣି କେମିତି ଗୋଟିଏ ଇଟାଭାଟି ଭାଙ୍ଗୁଛି? ସମସ୍ତଙ୍କ ପାଇଁ ସମାନ ନିୟମ କରାଯାଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଢେଙ୍କାନାଳରୁ ମହିମାଗାଦି ଓ ନୀଳକଣ୍ଠପୁର ଦେଇ ରେଳ ସଂଯୋଗ ହେଉ

### କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଅନୁରୋଧ କଲେ ଏମ୍‌ପି

ଢେଙ୍କାନାଳ,୧୮।୩(ରତନ ନାୟାର) ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ବୁଧବାର ଲୋକ ସଭାରେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଅନୁରୋଧ କରି କହିଛନ୍ତି ଯେ, ଢେଙ୍କାନାଳରୁ ବିଶ୍ୱପ୍ରସିଦ୍ଧ ମହିମାଧର୍ମର ପୀଠ ମହିମାଗାଦି ଯୋରନ୍ଦା ଓ ଶହୀଦ ବାଜି ରାଉତଙ୍କ ଗ୍ରାମ ନୀଳକଣ୍ଠପୁର ଦେଇ ଏକ ନୂତନ ରେଳ ଧାରଣା ଚେନ୍ନାଇ-ହାଓଡା ମୁଖ୍ୟ ରେଳ ଲାଇନ ସହିତ ଯୋଡାଯିବା ପାଇଁ ବିଚାର କରାଯାଉ। ଢେଙ୍କାନାଳ ଓଡିଶାର ବହୁ ପୁରୁଣା ଜିଲା ହୋଇଥିବା ବେଳେ ଏହାମଧ୍ୟ ବହୁ ପୁରାତନ ଲୋକସଭା କ୍ଷେତ୍ର । ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପୀଠ ଯୋରନ୍ଦା ଏବଂ ଏହା ନିକଟସ୍ଥ କପିଳାସ ପର୍ବତମାଳାରେ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖରଙ୍କ ପ୍ରସିଦ୍ଧ ମନ୍ଦିର ଅବସ୍ଥିତ । ସେହିପରି ଗଁଦିଆ ବର୍ତ୍ତମାନ ଏକ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ହେବାକୁ ଯାଉଥିବା ବେଳେ ପୂର୍ବରୁ ସେଠାରେ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ମଧ ରହିଛି । ଏଥିସହିତ ଗଁଦିଆ ପୂର୍ବରୁ ବିଧାନସଭା କ୍ଷେତ୍ର ମଧ ଥିଲା । ଭୁବନ ବ୍ଲକର ନୀଳକଣ୍ଠପୁର ଗ୍ରାମ ହେଉଛି ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମସ୍ଥାନ । ଚଳିତବର୍ଷ ଶହୀଦ ବାଜି ରାଉତଙ୍କ ଜନ୍ମ ଶତାବ୍ଦୀ ବର୍ଷ ପାଳନ ହେଉଥିବାରୁ ଢେଙ୍କାନାଳରୁ ଯୋରନ୍ଦା ମହିମାଗାଦି, କପିଳାସ ଗଁଦିଆ, ନୀଳକଣ୍ଠପୁର ଦେଇ ଚେନ୍ନାଇ-ହାଓଡ଼ା ମୁଖ୍ୟ ରେଳ ଲାଇନ୍ ସହ ଏକ ନୂତନ ଗ୍ରୀନଫିଲ୍ଡ ରେଳମାର୍ଗର ସର୍ଭେ କରାଯାଇ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ଏମ୍‌ପି ଲୋକସଭାରେ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

କାମାକ୍ଷାନଗର, ୧୮।୩ (ସୁଧୀର କୁମାର ପରିଡ଼ା) ଢେଙ୍କାନାଳ ଜିଲା କାମାକ୍ଷାନଗର ଲକ୍ଷ୍ମୀବଜାରର ଶୁଭଶ୍ରୀ ଡ୍ରେସ ଦୋକାନର ମାଲିକ ଅରବିନ୍ଦ କୁମାର ମୋହତାଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ କିଛିଦିନ ହେବ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ହଠାତ ଗୁରୁତର ହେବାରୁ ଆଇସିୟୁରେ ରଖାଯାଇଥିଲା। ସେଠାରେ ତାଙ୍କର ପରଲୋକ ହୋଇଯାଇଥିଲା। ସେ ଅତ୍ୟନ୍ତ ମିଷ୍ଟଭାଷୀ ପରୋପକାରୀ ଯୁବକ ଥିଲେ। ତାଙ୍କର ବିୟୋଗରେ ଲକ୍ଷ୍ମୀବଜାରରେ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହିତ ଦୋକାନ ବଜାର ବନ୍ଦ ରହିଥିଲା। କାମାକ୍ଷାନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବନାଗ୍ନି ପ୍ରତିରୋଧ ସଚେତନତା ଅଭିଯାନ




କାମାକ୍ଷାନଗର,୧୮।୩ (ସୁଧୀର କୁମାର ପରିଡ଼ା) ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ମହାବିରୋଡ଼ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ବନାଗ୍ନି ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିରୋଡ଼ ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଏସିଏଫଓ ସତ୍ୟନାରାୟଣ ସାହୁ କହିଥିଲେ, ଜଙ୍ଗଲ ରହିଲେ ସୃଷ୍ଟି ରହିବ। ସାମ୍ପ୍ରତିକ ସ୍ଥିତିରେ ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ଏକମାତ୍ର ଉପାୟ ନୂତନ ଜଙ୍ଗଲ ସୃଷ୍ଟି କରିବା। ଜଙ୍ଗଲ ଉପରେ ମନୁଷ୍ୟ, ପଶୁପକ୍ଷୀ ସମସ୍ତେ ନିର୍ଭରଶୀଳ। ଜଙ୍ଗଲ ନଷ୍ଟହେଲେ ଆଗାମୀ ପିଢି ନିଶ୍ୱାସ ପ୍ରଶ୍ୱାସ ନେବା ପାଇଁ ଅମ୍ଳଜାନ ଥଳି କିଣି ବ୍ୟବହାର କରିବେ। ତେଣୁ ଜଙ୍ଗଲ ରକ୍ଷା ପାଇଁ ପ୍ରତ୍ୟକ ବ୍ୟକ୍ତି ଗୋଟିଏ ଗୋଟିଏ ଚାରା ରୋପଣ କରିବାର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ, ମହାବିରୋଡ଼ ଥାନା ଅଧିକାରୀ କାଶୀନାଥ ହାଁସଦା, ଦଶୀପୁର ସରପଞ୍ଚ ସୁଧୀର ପାଳ, ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ, ବାମ ସରପଞ୍ଚ ଫକୀର ଚରଣ ମହାନ୍ତ, ବାମ ସମିତି ସଦସ୍ୟା ଲକ୍ଷ୍ମୀ ହେସା, ସାମାଜିକ କର୍ମୀ ଟିକମ ହାତୀ ପ୍ରମୁଖ ଯୋଗ ଦେଇଥିଲେ। ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତେ ମିଳିମିଶି ଜଙ୍ଗଲକୁ ରକ୍ଷା କରିବା ନେଇ ଅତିରିକ୍ତ ବନଖଣ୍ଡ ଅଧିକାରୀ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିରୋଡ଼ ବନାଞ୍ଚଳର ବନ କର୍ମଚାରୀ, ଗଜସାଥୀ, ବନ ସୁରକ୍ଷା ସମିତିର କର୍ମକର୍ତ୍ତା, ପରିବେଶବିତ ଉପସ୍ଥିତ ଥିଲେ।

## କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ




ଢେଙ୍କାନାଳ,୧୮।୩(ରତନ ନାୟାର) ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ ପରିସରରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଓ ମଣ୍ଡଳସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ ଷ୍ଟାଡିଙ୍ଗ ଷ୍ଟାର୍ଟ, ଷ୍ଟାଡ଼ିଙ୍ଗ୍ ବଲ୍ ଥ୍ରୋ ଓ ଷ୍ଟାଡିଙ୍ଗ୍ ଜମ୍ପ ପ୍ରତିଯୋଗିତା ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟର ୬ଷ୍ଠ, ୭ମ ଓ ୮ମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର, ଖେଳ ଶିକ୍ଷକ ସୁଶିଲ କୁମାର ପଣ୍ଡା, ସରିତା ବିଶ୍ୱାଳ, ସ୍ମିତିସୁଧା ଜେନା ଓ ଶିକ୍ଷୟିତ୍ରୀ ହରପ୍ରିୟା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ନୂଆ ଓଡ଼ାପଡ଼ା ଗ୍ରାମର ବାର୍ଷିକ ଉତ୍ସବ

ଓଡ଼ାପଡ଼ା, ୧୮।୩ (ରଞ୍ଜିତ ନାୟକ) ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନୂଆ ଓଡ଼ାପଡ଼ା ଗ୍ରାମର ବାର୍ଷିକ ଉତ୍ସବ ଅବସରରେ ଦଶଦୋଳ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଦୋଳ ଗୋବିନ୍ଦ ଠାକୁରଙ୍କୁ ଏକ ସୁସଜ୍ଜିତ ବିମାନରେ ନିଆଯାଇ ନୂଆ ଓଡ଼ାପଡ଼ା ଗ୍ରାମ ଓ ହିନ୍ଦୋଳ ରୋଡ ବଜାର ପରିକ୍ରମା କରି ପାଲା ମଣ୍ଡପଠାରେ ଦୋଳବେଦୀରେ ବିରାଜମାନ କରାଯାଇଥିଲା। ଗ୍ରାମର ଯୁବକମାନଙ୍କୁ ନେଇ ୧୭ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଡ୍ରାମା 'ଏଇ ଫଗୁଣରେ ବାଜିବ ବାଜା' ନାଟକ ମଞ୍ଚସ୍ଥ ହୋଇଥିଲା।

## ଢେଙ୍କାନାଳ ସହରରେ ହାତୀ



ଢେଙ୍କାନାଳ,୧୮।୩(ରତନ ନାୟାର) ଢେଙ୍କାନାଳ ସହର ମହିଷାପାଟ ଅଞ୍ଚଳରେ ବୁଧବାର ରାତି ୧୦ଟା ସମୟରେ ଗୋଟିଏ ମାଈହାତୀ ଓ ଗୋଟିଏ ଛୁଆହାତୀ ବୁଲିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ହାତୀଙ୍କ ଗର୍ଜନରେ ଲୋକମାନେ ଭୟଭୀତ ହୋଇଛନ୍ତି। ମା' ଓ ଛୁଆହାତୀ ଭିଜିଲାନସ ଓ ଶିଳ୍ପକେନ୍ଦ୍ର କାର୍ଯ୍ୟାଳୟ ଅଞ୍ଚଳରେ ବୁଲୁଥିବା ଦେଖାଯାଇଥିଲା। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀଙ୍କ ଉପରେ ନଜର ରଖିଛନ୍ତି।

## ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

କାମାକ୍ଷାନଗର, ୧୮।୩ (ସୁଧୀର କୁମାର ପରିଡା) ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡରେ ଓଡ଼ିଶା ଦିବସ ପାଳନ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ପଞ୍ଚାୟତ ସମିତି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଦୀନମଣି ନାଏକଙ୍କ ଅନୁପସ୍ଥିତିରେ ବିଡିଓ ପ୍ରଭୁକଲ୍ୟାଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉତ୍କଳ ଦିବସ ପାଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏପ୍ରିଲ ୧ରେ ଉତ୍କଳ ଦିବସ ପାଳନ ଅବସରରେ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀ, ବଟକୃଷ୍ଣ ମଲ୍ଲିକ, ସହକାରୀ ଜିଲାପାଳ କମଳା ମଲିକ, ସୌମ୍ୟଜିତ ପାଇକରାୟ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରିଣୀ ଅନନ୍ୟା ଆଚାର୍ଯ୍ୟ, ସ୍ୱଳ୍ପ ସଞ୍ଚୟ ଅଧିକାରିଣୀ ସ୍ୱର୍ଣ୍ଣପ୍ରଭା ବିରୁଆ, ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ବିଷ୍ଣୁ ପ୍ରସାଦ ମହାଲିକେ, କାମାକ୍ଷାନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ପ୍ରଶାନ୍ତ କୁମାର ମହାନ୍ତି, ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉନ୍ନତି ଦିଗରେ ପଦକ୍ଷେପ ଲକ୍ଷ୍ୟ

### ୨୨ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ



୨୨ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ,୧୮।୩(ରତନ ନାୟାର) ଢେଙ୍କାନାଳ ମହିଷାପାଟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୨୨ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲାର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ସର୍ବାଙ୍ଗୀନ ଉନ୍ନତି ଦିଗରେ ପଦକ୍ଷେପ ଲକ୍ଷ୍ୟ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଓୟୁଏଟିର ସଂପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଅଧ୍ୟକ୍ଷତା କରିଥିଲେ । କଲିକତାସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଜୋନ-୫ର ଆଟାରୀ ପ୍ରମୁଖ ବୈଜ୍ଞାନିକ ଡ. କଲ୍ୟାଣ ସୁନ୍ଦର ଦାସ ଓ ଭୁବନେଶ୍ୱରର କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଦୀପା ସାମନ୍ତ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରୁ ଯୁଗ୍ମ ସମ୍ପ୍ରସାରଣ ଶିକ୍ଷା ଅଧ୍ୟକ୍ଷ ପ୍ରଫେସର ରବିରତ୍ନ ଦାଶ ଓ ମୃତ୍ତିକା ଓ ଜଳ ସଂରକ୍ଷଣ ବିଭାଗର ମୁଖ୍ୟ ପ୍ରଫେସର ସଞ୍ଜୟ କୁମାର ରାଉଳ ଯୋଗଦେଇଥିଲେ । ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଆଞ୍ଚଳିକ ଗବେଷଣା କେନ୍ଦ୍ରର ସହଯୋଗୀ ଗବେଷଣା ଅଧ୍ୟକ୍ଷ ଡ. ଦିବ୍ୟରଞ୍ଜନ ମିଶ୍ର, ମୁଖ୍ୟ ଜିଲା କୃଷି ଅଧିକାରୀ ବିଶ୍ୱନାଥ ଦାସ, ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରଭାସ କୁମାର ବେହେରା, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସନତ ନାୟକ, ଜିଲା ମତ୍ସ୍ୟ ଅଧିକାରୀ ଶୁଭଶ୍ରୀ ଦାସ, ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ଇଂ. ବିଜୟ କୁମାର ତରାଇ, ସହ ନିର୍ବାହୀ ଯନ୍ତ୍ରୀ (କୃଷି) ଇଂ. ରୋମାନ୍ସ ନାୟକ, ନାବାର୍ଡର ଜିଲା ଉନ୍ନୟନ ପରିଚାଳକ ପ୍ରଶାନ୍ତ କୁମାର ଦାସ, କୃଷି ବିଜ୍ଞାନ କେନ୍ଦ୍ର ଅନୁଗୋଳର ମୁଖ୍ୟ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ର କଟକର ବୈଜ୍ଞାନିକ ଡ. ଦିଲୀପ କୁମାର ଷଡଙ୍ଗୀ, ଆକାଶବାଣୀ ଯୋରନ୍ଦାର ମୁଖ୍ୟ ରାଜୀବ କୁମାର ମାହୁନ୍ତ, ଢେଙ୍କାନାଳ ଆଞ୍ଚଳିକ ଶିଳ୍ପକେନ୍ଦ୍ରର ପ୍ରତିନିଧି ଓ ଜିଲା କୃଷକ ପ୍ରତିନିଧିମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି ଆର୍ଥିକ ବର୍ଷ ୨୦୨୫-୨୬ରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ହୋଇଥିବା କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ପ୍ରଦର୍ଶନ, ତାଲିମ କାର୍ଯ୍ୟକ୍ରମ, ମଞ୍ଜି ଓ ଚାରା ଉତ୍ପାଦନ, ମାଛ ଯାଆଁଳ, କୁକୁଡ଼ା ଚିଆଁ ଉତ୍ପାଦନ, ସଂପ୍ରସାରଣ ପୁସ୍ତିକା ପ୍ରକାଶନ, କୃଷି ମେଳା ଓ ପ୍ରଦର୍ଶନୀ ଆୟୋଜନ ଆଦି ସମ୍ପର୍କରେ ପିପିଟି ମାଧ୍ୟମରେ ଉପସ୍ଥାପନ କରିଥିଲେ । ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କୃଷି ବିଜ୍ଞାନ କେନ୍ଦ୍ରର ଯୋଜନା ବିଷୟରେ ଉପସ୍ଥାପନ କରାଯାଇଥିଲା । ଉପଦେଷ୍ଟା ମଣ୍ଡଳୀ ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

ଆଗାମୀ ଦିନରେ ପ୍ରାକୃତିକ କୃଷି, ମାଣ୍ଡିଆ ଚାଷରେ ଯାନ୍ତ୍ରୀକରଣ, ଉନ୍ନତ ଜଳସେଚନ ପଦ୍ଧତି, ତୃଣ ନାଶକର ଠିକ ବ୍ୟବହାର, ଜଳବାୟୁ ପରିବର୍ତ୍ତନ ସହନଶୀଳ କୃଷି ପଦ୍ଧତି ଆଦି ଦିଗରେ କୃଷି ବିଜ୍ଞାନ କେନ୍ଦ୍ର କୃଷି ଓ ଅନୁସଙ୍ଗିକ ବିଭାଗ ମିଳିମିଶି କାର୍ଯ୍ୟ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସମ୍ମନ୍ୱିତ ମାଛ ଚାଷ ଓ ଉନ୍ନତ ପ୍ରଣାଳୀରେ ରାଶି ଚାଷ ସମ୍ପର୍କିତ ଦୁଇଟି ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଅତିଥି ଓ ପ୍ରତିନିଧିମାନେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଥିବା ବିଭିନ୍ନ ପ୍ରଦର୍ଶନ କ୍ଷେତ୍ର ବୁଲି ଦେଖିଥିଲେ । ଏହି କାର୍ଯ୍ୟକ୍ରମ ଢେଙ୍କାନାଳ ଜିଲାରେ କୃଷି କ୍ଷେତ୍ରରେ ଗବେଷା ଓ ସଂପ୍ରସାରଣ ଦିଗରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ ।

